# Second meeting of BRICS Sherpas and Sous Sherpas

May 28, 2021

## ବ୍ରିକ୍ସ ଶେରପା ଓ ସୋସ୍ ଶେରପାଙ୍କ ଦ୍ୱିତୀୟ ବୈଠକ

ମଇ 28, 2021

ବ୍ରିକ୍ସ ଶେର୍ପା ଏବଂ ସୋସ୍ ଶେରପାଙ୍କ ଦ୍ୱିତୀୟ ବୈଠକ 25-28 ମଇ 2021ରେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈୈଠକରେ ସଚିବ (ସିପିଭି ଏବଂ ଓଆଇଏ) ଶ୍ରୀ ସଞ୍ଜୟ ଭଟ୍ଟାଚାର୍ଯ୍ୟ ଏବଂ ଅତିରିକ୍ତ ସଚିବ (ଅର୍ଥନୈତିକ ସମ୍ପର୍କ) ପି ହରିଶ ଯଥାକ୍ରମେ ଭାରତର ବ୍ରିକ୍ସ ଶେର୍ପା ଏବଂ ସୋସ୍ ଶେର୍ପା ଭାବରେ ଅଧ୍ୟକ୍ଷତା କରିଥିଲେ। ବ୍ରାଜିଲର ବ୍ରିକ୍ସ ଶେର୍ପା ଭାବରେ ରାଷ୍ଟ୍ରଦୂତ ସାର୍କିସ୍ ଜେ.ବି. ସାର୍କିସ୍, ଋଷର ବ୍ରିକ୍ସ ଶେର୍ପା ଭାବରେ ରାଷ୍ଟ୍ରଦୂତ ସର୍ଗି ରିଆବକୋଭ, ଚୀନର ବ୍ରିକ୍ସ ଶେର୍ପା ଭାବରେ ରାଷ୍ଟ୍ରଦୂତ ମା ଝାଓକ୍ସୁ ଏବଂ ଦକ୍ଷିଣ ଆଫ୍ରିକାର ବ୍ରିକ୍ସ ଶେର୍ପା ଭାବରେ ରାଷ୍ଟ୍ରଦୂତ ଅନିଲ ସୁକଲାଲ ନିଜ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

ବ୍ରିକ୍ସ ସହଭାଗୀମାନେ 1 ଜୁନରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପାଇଁ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ସେମାନେ ଏହି ବୈଠକ ପାଇଁ ଫଳାଫଳ ଦସ୍ତାବିଜ ସମେତ ଭାରତର ବ୍ରିକ୍ସ 2021 ଅଧ୍ୟକ୍ଷତା ପାଇଁ ପ୍ରମୁଖ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରିଥିଲେ।

ଏହି ଆଲୋଚନା ଏକ ଗଠନମୂଳକ ଓ ଆନ୍ତରିକ ବାତାବରଣ ମଧ୍ୟରେ ହୋଇଥିଲା ଏବଂ କୋଭିଡ 19 ମହାମାରୀ ସତ୍ତ୍ୱେ ଆନ୍ତଃ-ବ୍ରିକ୍ସ ସହଯୋଗରେ ଅଗ୍ରଗତି କରିବାରେ ଭାରତୀୟ ଅଧ୍ୟକ୍ଷତାର ସକରାତ୍ମକ ନେତୃତ୍ୱକୁ ବ୍ରିକ୍ସ ସହଭାଗୀମାନେ ପ୍ରଶଂସା କରିଥିଲେ।

**ନୂଆଦିଲ୍ଲୀ**

**ମଇ 28, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.